# CBSE
# Marking Scheme, 2025-26
## CLASS - XII
## ODIA (113)

**General Instruction:**

a) The marking scheme carries only suggested value points for the answers.

b) These are only Guidelines and do not constitute the complete answer.

c) The students can have their onw expression and if the expression is correct then marks be awarded accordingly.

d) The candidates would be permitted to obtain photocopy of the answer book on request on payment of the prescribed processing fee. All Examiners / Additional Head Examiners / Head Examiners are once again reminded that they must ensure that evaluation is carried out strictly as per the value points for each answer as given in the marking scheme.

e) All the Head Examiners / Additional Head Examiners / Examiners are instructed that while evaluating the answer books, if the answer is found to be totally incorrect, 'X' should be marked on the incorrect answer and awarded '0' mark.

1. 5 x 2=10

(i) ଯୁବକମାନଙ୍କ ଅସନ୍ତୋଷକୁ ସାମାଜିକ ସମସ୍ୟାର ଅଂଶଭାବେ ସୂଚିତ କରାଯାଇଛି ।

(ii) ସାମାଜିକ ବୈଷମ୍ୟକୁ ଯଥାଶୀଘ୍ର ଦୂରୀଭୂତକରି ସାଧାରଣ ଜନତାର ଆଶା ଆକାଙ୍କ୍ଷାକୁ ପୂରଣ କରିବା ଯୁବ ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ ଅଟେ ।

(iii) ଯୁବକମାନଙ୍କୁ ଦେଶର ଭବିଷ୍ୟତ ବୋଲି କୁହାଯାଏ । କାରଣ ସାମାଜିକ ଶାନ୍ତି ପ୍ରତିଷ୍ଠା କରିବା, ଦେଶକୁ ଉନ୍ନତିର ପଥରେ ଅଗ୍ରସର କରିବା ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ।

(iv) ଯୁବକମାନଙ୍କ ସମସ୍ୟା ସମାଧାନ ହେଲେ ସେମାନେ କର୍ତ୍ତବ୍ୟନିଷ୍ଠ ହେବେ ଏବଂ ସମାଜ ମାର୍ଜିତ ହେବ ।

(v) ଯୁବକମାନଙ୍କ ବେଶପୋଷାକ ଏକ ସମସ୍ୟା ନୁହେଁ, କାରଣ ଏହା ଏକ ବାହ୍ୟ ଆବରଣ ।

2. ଉପକ୍ରମ-1 1 x 6=6

ବିଷୟବସ୍ତୁ, ଶୃଙ୍ଖଳିତ ଉପସ୍ଥାପନା-3

ସୂକ୍ତି ଉଦ୍ଧାର, ନିଜସ୍ୱ ବିଚାର-1

ଉପସଂହାର-1

3. ସମ୍ବୋଧନ-1 1 x 6=6

ପତ୍ରଲିଖନର ଆନୁଷଙ୍ଗିକତା, ଶୈଳୀ-2

ବିଷୟବସ୍ତୁ-2

ପ୍ରତ୍ୟାଶା, ଉପସଂହାର-1

4. (i) ପ୍ରସାରଣ 3 x 1=3
(ii) ମୌଖିକ
(iii) ସ୍ମରଣ
(iv) ଦୟାଳୁ

5. 3 x 1=3
(i) ମାଳି
(ii) ଉତ୍ତେଜିତ
(iii) ପୂର୍ଣ୍ଣ
(iv) ପ୍ରଶଂସା

6. 2 x 1=2
(i) ପବିତ୍ର – ଛୁଞ୍ଚି
(ii) ଗ୍ରାମ – ପିଠାର ପୁର
(iii) ଜାଗ୍ରତ ହେବା – ଯଜ୍ଞ

7. 2 x 1=2
(i) ସପରିବାର
(ii) ବିଦ୍ୟାର୍ଥୀ
(iii) ଖଣିଜ

8. (i) ଇତିହାସ – ବିଶ୍ୱନାଥ କର 1 x 5=5
(ii) ତିନି ତୁଣ୍ଡରେ – ଭୁବନେଶ୍ୱର ବେହେରା
ବିଷୟ ଓ ପ୍ରାବନ୍ଧିକଙ୍କ ନାମ–1
ବିଷୟବସ୍ତୁ–3
ଉପସଂହାର–1

9. 3 x 2=6
(i) ବିପରୀତ ପଥରେ ଗମନ କଲେ କେହି କେବେ ଉନ୍ନତିର ସୋପାନରେ ପହଞ୍ଚିପାରିବ ନାହିଁ ।
(ii) ଇତିହାସ ପଠନ ସମୟରେ ଆମ୍ଭେମାନେ ଅଲକ୍ଷିତ ଭାବରେ ସେହି ସାଧାରଣ ଭୂମିରେ ଉପସ୍ଥିତ ହୋଇଥାଉ । ସେହି ସମୟରେ ଅତୀତର ସୁଖଦୁଃଖ, ହର୍ଷବିଷାଦ, ଭୟବିଭୀଷିକା, ସାହସ ଓ ବିକ୍ରମ, ଜୀବନ ଓ ମୃତ୍ୟୁ ଆମ୍ଭମାନଙ୍କ ନିକଟରେ ଜୀବନ୍ତ ହୋଇଉଠେ ଏବଂ ତାହା ନିଜ ଜୀବନର ବ୍ୟାପାର ତୁଲ୍ୟ ପ୍ରତିଭାତ ହୁଏ ।
(iii) ସଭ୍ୟସମାଜ ମାନବିକତା ଶିଖିବା ପାଇଁ ବନବାସୀମାନଙ୍କ ପାଖକୁ ଆସିବ ବୋଲି କୁହାଯାଇଛି ।

(iv) ଯେଉଁଦେଶର ଜନତା ନିଜର ଅଧିକାର ତଥା କର୍ତ୍ତବ୍ୟ ଜ୍ଞାନ ସମ୍ବନ୍ଧରେ ଅଜ୍ଞ, ସେ ଦେଶରେ ଗୁଣ ଅପେକ୍ଷା ପ୍ରୋପାଗଣ୍ଡା ହିଁ ବିଶେଷ କାମ କରେ ।

(v) ଯୋଜନାକୁ ଯେତିକି ଆଗ୍ରହରେ କରାଯାଏ, ଶିକ୍ଷାକୁ ତା'ଠାରୁ ଅନେକ ଗୁଣ ଅଧିକ ଆଗ୍ରହରେ କଲେ ଶିକ୍ଷା ଓ ଯୋଜନା ମଧ୍ୟରେ ସମନ୍ୱୟ ରହିପାରିବ ।

10. 10 x 1=10

(i) (A) ସ୍ୱତନ୍ତ୍ର ଓ ଆଦର୍ଶର ନିକଟବର୍ତ୍ତୀ

(ii) (B) ତତ୍ତ୍ୱନିରୂପଣ ପ୍ରୟାସ

(iii) (C) କ୍ରୀଡ଼ାରତ ବସ୍ତରୀ ପରି

(iv) (D) ଜୟପୁର

(v) (A) ଗଣତନ୍ତ୍ର ଶାସନର

(vi) (B) ଜଳଦର କୃପା ହେଲେ

(vii) (C) ଭାରତ

(viii) (D) ମୌଳିକ ଚିନ୍ତା

(ix) (A) ବିବିଧ ପ୍ରବଳ

(x) (B) ପାଠ ବଳରେ

11. (i) ତପସ୍ୱିନୀର ପତ୍ର - ଗଙ୍ଗାଧର ମେହେର 1 x 5=5

(ii) ବଡ଼ପଣ - ରାଧାନାଥ ରାୟ

ବିଷୟ ଓ କବିଙ୍କ ନାମ-1

ବିଷୟବସ୍ତୁ-3

ଉପସଂହାର-1

12. 3 x 2=6

(i) ଉତ୍କଳର ପୂର୍ବ ସମ୍ରାଟମାନେ ବହ୍ନିଶିଖା ସଦୃଶ ସଦାସର୍ବଦା ଉତ୍ତରୋତ୍ତର ଉନ୍ନତି କରୁଥିଲେ । ସିଂହ ସଦୃଶ ପରାକ୍ରମୀ ହୋଇ ବିଶାଳ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ପରମ ଉଦାର ଥିବାରୁ ତାଙ୍କ ରାଜ୍ୟକୁ ଏକ ପରିବାର ମନେକରି ପ୍ରଜାଙ୍କୁ ବାତ୍ସଲ୍ୟ ସ୍ନେହରେ ବାନ୍ଧି ରଖୁଥିଲେ ।

(ii) ସୀତାଙ୍କ ପୁତ୍ରମାନଙ୍କର ମନ ଅଯୋଧ୍ୟାରେ ରାମଚନ୍ଦ୍ରଙ୍କ ପଦପଙ୍କଜ ଦର୍ଶନ କରିବାପାଇଁ ଆକର୍ଷିତ ହେଉଥିଲା ।

(iii) ସନ୍ଧ୍ୟାକାଳୀନ ଦୃଶ୍ୟରେ ଅନୁଭବୀ ବ୍ୟକ୍ତି ପ୍ରିୟଜନ ବିରହର ଦାରୁଣ କଷଣକୁ ଦେଖିପାରେ ।

(iv) ସମ୍ଭ୍ରାନ୍ତ ଯୁବକଟି ପିଙ୍ଗଳାକୁ କଥାଦେଇ ରାତ୍ର ସମୟରେ ନଆସିବାରୁ ପିଙ୍ଗଳା ମନରେ ବିରାଗ ଭାବ ଦେଖାଦେଲା । ଫଳସ୍ୱରୂପ ତା' ହୃଦୟରେ ଆଧ୍ୟାତ୍ମିକ ଉତ୍ତରଣ ସହିତ ନିଜସ୍ୱ କର୍ମ ପ୍ରତି ବୈରାଗ୍ୟଭାବ ଜାତ ହେଲା ।

(v) "ଜୟ ହେଉ ପୀଡ଼ନର" ବୋଲି କବି କହିଛନ୍ତି । କାରଣ ପୀଡ଼ନ ଯେତେବେଳେ ଦୁର୍ବିସହ ହେବ ସେତେବେଳେ ହିଁ ଅତ୍ୟାଚରିତ ମାନବ ତା'ର କାରଣ ଅନୁସନ୍ଧାନ କରିବ ଓ ତା'ର ଉଚ୍ଛେଦପାଇଁ ସଫଳ ପ୍ରୟାସ କରିବ ।

13. 10 x 1=10

(i) (D) ଅନ୍ତକ
(ii) (C) ଗଣିକା, ଓକିଲ ଓ ଛାମୁଆଁଙ୍କ ପୋଷଣ ନିମନ୍ତେ
(iii) (B) ନିମ୍ନକୁ ଗଡ଼ିବା
(iv) (A) ଦରବାର
(v) (D) ନୟନ ଜଳରେ
(vi) (C) ମୁଗ୍ଧ ନବବଧୂକୁ ମୁଗ୍ଧ କରିବାପାଇଁ
(vii) (B) ଗଛମାନେ ସୂର୍ଯ୍ୟଙ୍କୁ ପାଦରେ ପ୍ରଣାମ କରୁଛନ୍ତି
(viii) (A) ନିଷ୍ଠୁର ହେବାରୁ
(ix) (D) ଉଷାଉଷସୀର ଆକାଶରେ
(x) (C) ଲୌକିକ ଜ୍ଞାନକୁ ଧରି

14. 3 x 2=6

(i) ରାୟବାହାଦୁର ଅରୁଣକୁ ବ୍ରିଟିଶ ସରକାରଙ୍କ ବିରୋଧରେ ଯିବାପାଇଁ ମନା କରିବାରୁ ଅରୁଣ ତା'ବାପାଙ୍କୁ ବ୍ରିଟିଶ ସରକାରଙ୍କ ଗୋଲାମ ବୋଲି କହିଛି । କାରଣ ସ୍ୱାଧୀନତା ମନୁଷ୍ୟର ଜନ୍ମଗତ ଅଧିକାର ଏବଂ ପବିତ୍ରତମ ଦାବି ।
(ii) ପୋଇଲି ପଦି ଭାରି ପାଟିଟାଏ କରିଥିଲା – କାରଣ ମିସେସ୍ ମହାପାତ୍ର ଯୋତା ମାଡ଼ି ହାଣ୍ଡିଶାଳରେ ପଶିଯାଇଥିଲେ ।
(iii) ଜାତିର ଶ୍ରେଷ୍ଠ ସନ୍ତାନ କେଉଁଦିନ ଆସି ତା'ର ବାଲ୍ୟଗୁରୁର ପାଦତଳେ ମଥାନତ କରି ତା'ର କୃତଜ୍ଞତା ଜଣାଇବ, ସେଇ ଚିରଇପ୍‌ସିତ ଦିନକୁ ପ୍ରତ୍ୟେକ ଶିକ୍ଷକ ଅପେକ୍ଷା କରି ରହିଥାଏ ।
(iv) ହଂସମାନେ ପୂର୍ବାପେକ୍ଷା ଅଧିକ ସ୍ୱାଚ୍ଛନ୍ଦ୍ୟ ଓ ଆତ୍ମବିଶ୍ୱାସ ସହକାରେ ଊର୍ଦ୍ଧ୍ୱକୁ ଉଠିଥିଲେ ।
(v) 'ଯୁଦ୍ଧଟିଏ ଅଭାବରୁ ଏ ଦୁର୍ଦ୍ଦଶା ସିନା'– ଏହା ରାଜା କହିଛନ୍ତି । କାରଣ ଦୀର୍ଘକାଳ ହେବ ରାଜା କୌଣସି ମହତ କାର୍ଯ୍ୟରେ ହାତ ଦେଇନାହାନ୍ତି । ଫଳସ୍ୱରୂପ, ସୈନ୍ୟମାନେ ମୋଟେଇଯାଇଛନ୍ତି, ସେନାପତି ମଧ୍ୟ ଗଣ୍ଠିବାତ ଭୋଗୁଛନ୍ତି । ଯୁଦ୍ଧଟିଏ ହେଲେ ସମସ୍ତଙ୍କର ଶାରୀରିକ ଅବସ୍ଥା ଠିକ ରହିବ ।

◈◈◈